# NATIONAL NEWS BULLETIN (ODIA)

## 24 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏବଂ ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ମଧ୍ୟରେ ଆଜି ହେବ ଦ୍ୱିପାକ୍ଷିକ ଆଲୋଚନା ।
- ଭି ବି ଜି ରାମ୍‌ଜି ଆଇନ୍ ଅଧୀନରେ ଚିଠା ନିୟମାବଳୀ ଜାରି କଲେ ସରକାର ।

– ଆସନ୍ତାମାସ ୨୧ ତାରିଖ ସୁଦ୍ଧା ଜନସାଧାରଣଙ୍କ ଠାରୁ ମତାମତ ଆହ୍ୱାନ ।

- ଆମେରିକା ଓ ଇରାନ୍ ମଧ୍ୟରେ ଦୀର୍ଘକାଳୀନ ଶାନ୍ତି ଚୁକ୍ତି ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ସୂଚନା ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ୭ ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗସ୍ ।

– ଆଜି ଖେଳାଯିବା ଦୁଇଟି ମ୍ୟାଚ୍ ।

## ଜୟଶଙ୍କର-ରୁବିଓ

ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସ୍‌ଠାରେ ଆଜି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ । ଆଞ୍ଚଳିକ ତଥା ବୈଶ୍ୱିକ ଶାନ୍ତି ଓ ସୁରକ୍ଷା ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବାର ଆଶା କରାଯାଉଛି । କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀ ରୁବିଓ ଗତକାଲିଠାରୁ ଭାରତକୁ ୪ ଦିନିଆ ଗସ୍ତରେ ଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଗତକାଲି ସାକ୍ଷାତ କରି ପ୍ରତିରକ୍ଷା, ରଣନୈତିକ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ନିବେଶ, ଶକ୍ତି ସୁରକ୍ଷା, ଯୋଗାଯୋଗ, ଶିକ୍ଷା ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ନିରନ୍ତର ବିକାଶ ନେଇ ଆଲୋଚନା କରିଛନ୍ତି । ବିଶ୍ୱ କଲ୍ୟାଣ ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଶ୍ରୀ ମାଦୀ କହିଛନ୍ତି । ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ନିରନ୍ତର ସମର୍ଥନକୁ ପ୍ରଧାନମନ୍ତ୍ରୀ ପୁନଃ ପ୍ରକାଶ କରିଛନ୍ତି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସଂକଟର ସମାଧାନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ

କରିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ସମେତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ନେଇ ଆମେରିକାର ଦୃଷ୍ଟିକୋଣ ଉପରେ ଶ୍ରୀ ରୁବିଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଅବଗତ କରାଇଛନ୍ତି ।

ଆସନ୍ତା ମଙ୍ଗଳବାର ୨୬ ତାରିଖ ଦିନ କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏଥିରେ ଡକ୍ଟର ଜୟଶଙ୍କରଙ୍କ ସହିତ ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ଅଂଶଗ୍ରହଣ କରିବେ ।

# ଜି ରାମ ଜି

ଭି.ବି. ଜି ରାମ ଜି ଆଇନ୍ ୨୦୨୫ ଅଧୀନସ୍ଥ ଚିଠା ନିୟମାବଳୀ ସରକାର ଜାରି କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ନିୟମାବଳୀ ନେଇ ମତାମତ ଆହ୍ୱାନ କରାଯାଇଛି । ଦେଶର ନାଗରିକ, ସଂଗଠନ କିମ୍ବା ପ୍ରତିଷ୍ଠାନ ଏହି ନିୟମାବଳୀ ଉପରେ ନିଜର ପରାମର୍ଶ ଆସନ୍ତା ମାସ ୨୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି । ଏହି ନୂତନ ବିକଶିତ ଭାରତ ଜି ରାମ ଜି ଆଇନ୍ ପୂର୍ବ ପ୍ରଚଳିତ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ବଦଳରେ କାର୍ଯ୍ୟକାରୀ ହେବ । ପ୍ରତ୍ୟେକ ଆର୍ଥିକ ବର୍ଷରେ  ନିଶ୍ଚିତ କର୍ମ ନିଯୁକ୍ତି ବାବଦରେ ଏହି ଆଇନ୍ ଅଧୀନରେ ରୋଜଗାର ଅବଧିକୁ ୧୦୦ରୁ ୧୨୫ ଦିନକୁ ବୃଦ୍ଧି

କରାଯାଇଛି । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଆଇନ୍‌ର ଧାରା ୩୩ ଏବଂ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥାକୁ ଆଧାର କରି ଏହି ଚିଠା ନିୟମାବଳୀ ପ୍ରସ୍ତୁତ ହୋଇଛି । ନୂତନ ଆଇନ୍‌ରେ ସମୟାନୁବର୍ତ୍ତୀତା, ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ଗତ ୧୧ ତାରିଖରେ ଏହି ଆଇନ୍ ପ୍ରଚଳନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆସନ୍ତା ଜୁଲାଇ ପହିଲାରୁ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି ।

## ନଡ୍ଡା

ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ସହ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଡାକ୍ତରଙ୍କର ତାଲିମ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଜାତୀୟ ଚିକିତ୍ସା ବିଜ୍ଞାନ ବୋର୍ଡ଼୍‌ର ୨୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ନଡ୍ଡା ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କ୍ଷେତ୍ର ହାଡ୍‌ୱେୟାର୍ ହୋଇଥିବା ବେଳେ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସଫ୍ଟୱେୟାର୍ ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଦେଶର ଯୁବ ଡାକ୍ତରଙ୍କ ନବସୃଜନ ଏବଂ ଅଙ୍ଗୀକାରବଦ୍ଧତା ସ୍ୱାସ୍ଥ୍ୟସେବା ଆହ୍ୱାନକୁ ମୁକାବିଲା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଚିକିତ୍ସା ବିଜ୍ଞାନରେ ଜାତୀୟ ପରୀକ୍ଷା ବୋର୍ଡ଼ର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଛନ୍ତି, ରୋଗିସେବାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ୧୧ଟି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ସମାରୋହରେ ୨୬ ହଜାର ୩୯୬ ଜଣ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଜାତୀୟ ଚିକିତ୍ସା ବିଜ୍ଞାନ ବୋର୍ଡ଼ ପକ୍ଷରୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ସାର୍ଟିଫିକେଟ୍ ଏବଂ ଫେଲୋସିପ୍ ପ୍ରଦାନ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ପଦ୍ମ ପୁରସ୍କାର ପ୍ରଦାନ କରିବେ । ଚଳିତ ବର୍ଷ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ବର୍ଗରେ ୧୩୧ଜଣଙ୍କୁ ପୁରସ୍କାର ପାଇଁ ମନୋନୀତ କରାଯାଇଛି । 'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକରେ ଆଜି ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିବିଶେଷଙ୍କ ଜୀବନୀ ଉପରେ ଏକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

ଏହି କାର୍ଯ୍ୟକ୍ରମ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ଟ୍ରମ୍ପ-ଇରାନ୍

ଆମେରିକା ଓ ଇରାନ୍ ମଧ୍ୟରେ ଦୀର୍ଘକାଳୀନ ଶାନ୍ତିଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ହର୍ମୁଜ୍ ପ୍ରଣାଳୀ ଉନ୍ମୁକ୍ତ କରିବା ସହ ଚୁକ୍ତିର ଅଧିକାଂଶ ବ୍ୟବସ୍ଥା ଆଲୋଚନାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସେ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଇସ୍ରାଏଲ୍ ଏବଂ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ସହଯୋଗୀ ଦେଶଗୁଡ଼ିକ ସହ ଆଲୋଚନା ପରେ ଏହି ସମ୍ଭାବ୍ୟ ଚୁକ୍ତିକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ । ଖୁବ୍ ଶୀଘ୍ର ଏହି ଚୁକ୍ତି ନେଇ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ତେବେ ଘୋଷଣାର ନିର୍ଦ୍ଧାରିତ ସମୟସୀମା ନେଇ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରିନାହାନ୍ତି । ଚୁକ୍ତି ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ୍ ଇସ୍ରାଏଲ୍ ସମେତ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତାର, ପାକିସ୍ତାନ, ତୁର୍କୀ, ଇଜିପ୍ଟ, ଜୋର୍ଡ଼ାନ୍ ଏବଂ ବାହାରିନ୍ ସହ ଆଲୋଚନା କରିଥିବା ସୂଚନା ଦେଇଛନ୍ତି ।

ଅନ୍ୟ ପକ୍ଷରେ ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍‌ମାଇଲ୍ ବାକାଇ ସେଠାକାର ସରକାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ସପ୍ତାହକ ମଧ୍ୟରେ ଆମେରିକା ଏବଂ ଇରାନ୍‌ର

ଆଭିମୁଖ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିଛି । ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଏବେ ମଧ୍ୟ ଆଲୋଚନା ଜାରି ରହିଛି ।

ଗତ ମାସ ୮ ତାରିଖରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରଠାରୁ ୱାଶିଂଟନ୍ ଓ ତେହେରାନ୍ ମଧ୍ୟରେ ଦୀର୍ଘକାଳୀନ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ଜାରି ରହିଛି । ଇରାନ୍ ବନ୍ଦରଗୁଡ଼ିକ ଉପରେ ଆମେରିକା ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଥିବା ବେଳେ ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ ରଖିଛି ।

# ପୀୟୂଷ ଗୋୟଲ-ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତାକାଲିଠାରୁ ତିନି ଦିନିଆ କାନାଡ଼ା ଗସ୍ତରେ ଯାଉଛନ୍ତି । ତାଙ୍କ ସହ ଏକ ଉଚ୍ଚ ସ୍ତରୀୟ ଭାରତୀୟ ବ୍ୟବସାୟିକ ପ୍ରତିନିଧି ମଧ୍ୟରେ ଗସ୍ତରେ ଯିବେ । ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ଅଧିକ ମଜବୁତ କରିବା ନେଇ ଉଭୟ ଦେଶ ମଧ୍ୟରେ ବ୍ୟାପକ ଆଲୋଚନା ହେବ । ବାଣିଜ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ ଗୋୟଲ କାନାଡ଼ାର ଓଟାୱା ଏବଂ ଟରଣ୍ଟୋ ଠାରେ ଦ୍ୱିପାକ୍ଷିକ ବୈଠରେ ଅଂଶଗ୍ରହଣ କରିବେ । ଭାରତ-କାନାଡ଼ା ବ୍ୟାପକ ଅର୍ଥନୈତିକ ଅଂଶିଦାର ଚୁକ୍ତି – **CEPA** ଆଲୋଚନାକୁ ଗତିଶୀଳ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

ଗତ ମାର୍ଚ୍ଚ ମାସରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ଭାରତ ଗସ୍ତ ଅବସରରେ ଏହି ଦ୍ୱିପାକ୍ଷିକ ଚୁକ୍ତିର ରୂପରେଖ ସ୍ୱାକ୍ଷରିତ ହୋଇଥିଲା । ମାର୍ଚ୍ଚ ମାସରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଆଭାସୀ ମାଧ୍ୟମରେ ହୋଇଥିବା ବେଳେ ଗତ ୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି । ଚଳିତ ବର୍ଷ ଶେଷ ସୁଦ୍ଧା ଏକ ସୁ-ବ୍ୟବସ୍ଥିତ ଏବଂ ଦ୍ୱିପାକ୍ଷିକ ଲାଭ ଦାୟକ ଏହି ଚୁକ୍ତିକୁ ଚୂଡ଼ାନ୍ତ ରୂପରେଖ ଦେବା ପାଇଁ ଦୁଇ ଦେଶ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଭାରତ କାନାଡ଼ା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୭୦ ବିଲିୟନ୍ କାନାଡ଼ିୟାନ୍ ଡଲାର୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଟିସିଏସ୍

ମହାରାଷ୍ଟ୍ର ନାସିକ୍ ସ୍ଥିତ ଟିସିଏସ୍ କାର୍ଯ୍ୟାଳୟରେ କଥିତ ଯୌନ ନିର୍ଯାତନା ଏବଂ ବାଧ୍ୟତାମୂଳକ ଧର୍ମାନ୍ତରୀକରଣ ଉଦ୍ୟମ ମାମଲାରେ ପୁଲିସ୍ ପକ୍ଷରୁ ଦେଢ଼ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ମାମଲାର ଯାଞ୍ଚ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍.ଆଇ.ଟି. ମୁଖ୍ୟ ସନ୍ଦୀପ ମିଥିକେ ଦେଇଥିବା ସୂଚନା ଅନୁଯାୟୀ ୪ ଜଣ ପ୍ରମୁଖ କଥିତ ଅଭିଯୁକ୍ତଙ୍କ ବିରୋଧରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି । ସେମାନେ

ହେଲେ ମତିନ ପଟେଲ, ନିଦା ଖାଁ, ଦାନିସ୍ ଶେଖ୍ ଏବଂ ତୌଶିଖ ଅତାର । ଏହି ମାମଲା ସହିତ ଜଡ଼ିତ ପାଖାପାଖି ଅନ୍ୟ ୮ ଜଣଙ୍କ ବିରୋଧରେ  ଆସନ୍ତା ୪ ଦିନ ମଧ୍ୟରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । କାର୍ଯ୍ୟାଳୟରେ ଘଟିଥିବା ଏହି ସମ୍ବେଦନଶୀଳ ମାମଲାରେ ଗତ ମାର୍ଚ୍ଚ ମାସ ୨୫ ତାରିଖରେ ଦେଓଲାଲି କ୍ୟାମ୍ପ୍ ପୁଲିସ୍ ଷ୍ଟେସନ୍‌ରେ ମାମଲା ରୁଜୁ ହୋଇଥିଲା । ନିଦା ଖାନ୍‌ଙ୍କ ବିରୋଧରେ ଦୁଇଟି ମାମଲା ଏବଂ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ୬ରୁ ୯ଟି ଲେଖାଏଁ ମାମଲା ପଞ୍ଜିକୃତ ହୋଇଥିବା ପୁଲିସ୍ ସୂଚନା ଦେଇଛି । ଏସ୍.ଆଇ.ଟି. ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୯୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଜୋସ୍ ଇଂଲିସ୍ ସର୍ବାଧିକ ୭୨ ରନ୍ ସଂଗ୍ରହ କରିଥିଲେ । ୧୯୭ରନ୍‌ର ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗସ୍ ୧୮ ଓଭରରେ ୩ ଟି

ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟର ସର୍ବାଧିକ ଅପରାଜିତ ୧୦୧ରନ୍ ସଂଗ୍ରହ କରିଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ଠାରେ ଅପରାହ୍ଣ ସାଢ଼େ ୩ଟାରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ କୋଲକାତାର ଇଡେନ୍ ଗାର୍ଡେନ୍ସ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ ।

# ପାଣିପାଗ

ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼, ପୂର୍ବ ମଧ୍ୟପ୍ରଦେଶ, ପୂର୍ବ ଉତ୍ତରପ୍ରଦେଶ ଏବଂ ବିଦର୍ଭରେ ଆଜି ପ୍ରବଳ ଗରମ ଅନୁଭବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଓଡ଼ିଶା ସମେତ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଞ୍ଜାବ, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମ ମଧ୍ୟପ୍ରଦେଶ ଏବଂ ପଶ୍ଚିମ ଉତ୍ତରପ୍ରଦେଶରେ ମଧ୍ୟ ଗରମ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟ ପକ୍ଷରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ ଏବଂ ସିକ୍କିମ୍‌ର କେତେକ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।